ସକାଳ THE SAKALA



ନୟାଗଡ଼ ପୌର ପରିଷଦ

# ସ୍ୱଚ୍ଛତା ପାଇଁ ଅଧିକାରୀଙ୍କ ଧ୍ୟାନ ନାହିଁ

- ବର୍ଷକୁ ବ୍ୟୟ ୨ କୋଟି ଛୁଇଁଲାଣି
- ଚାରି ଦିନରେ ଥରେ ବାଜୁଛି ଝାଡୁ

ନୟାଗଡ଼,୨୯।୩(ସମିସ)

ନୟାଗଡ଼ ସହରରେ ହାହାକାର ସ୍ଥିତି। ୪ ଦିନରେ ଥରେ ବି ସଫେଇ ହେଉନାହିଁ। ବିଭିନ୍ନ କଲୋନୀରେ କୁଢ଼ କୁଢ଼ ଆବର୍ଜନା ଗଦା ହୋଇ ରହୁଛି। ନୟାଗଡ଼ ପୌର ପରିଷଦରେ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହୁନି। ଜନସଚେତନତାର ମଧ୍ୟ ଘୋର ଅଭାବ। ସଫେଇ ପାଇଁ ବର୍ଷକୁ ୧ କୋଟି ୮୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି। ଠିକାରେ ମାଲମାଲ କର୍ମଚାରୀ ନିଯୁକ୍ତି କରି ସରକାରୀ ଅର୍ଥକୁ ବରବାଦ କରାଯାଉଛି। କିନ୍ତୁ ସହରବାସୀ ଆବଶ୍ୟକୀୟ ସୁବିଧା ପାଉନାହାନ୍ତି। ସ୍ୱଚ୍ଛସାଥି, ସୁପରଭାଇଜର, ସଫେଇ କର୍ମଚାରୀ, ଅଳିଆ ଉଠାଇବାକୁ ଗାଡ଼ି, ବ୍ୟାଟେରି ଗାଡ଼ିଠାରୁ ଆରମ୍ଭ କରି ଅନେକ ପ୍ରକାର ସୁବିଧା ରହିଥିଲେ ମଧ୍ୟ ନୟାଗଡ଼ ସହରର ଯେଉଁଆଡ଼େ ଦେଖିବ ଖାଲି ଆବର୍ଜନା ଗଦା ହୋଇ ରହୁଛି। ନୟାଗଡ଼ ପୌର ପରିଷଦ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷରେ ସଫେଇ ପାଇଁ ପୌର ପରିଷଦ ପକ୍ଷରୁ ୧ କୋଟି ୮୧ ଲକ୍ଷ ୭୪ ହଜାର ୪୮ ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୨୩-୨୪ ମସିହାରେ ୧ କୋଟି ୬୧ ଲକ୍ଷ ୧୮ ହଜାର ୮୯୦ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୨-୨୩ ମସିହାରେ ୧ କୋଟି ୪୬ ଲକ୍ଷ ୫୩ ହଜାର ୫୪୩ ଟଙ୍କା ଖର୍ଚ୍ଚ କରାଯାଇଛି। ମାର୍କେଟ ଗୁଡ଼ିକର ଅବସ୍ଥା ସବୁଠାରୁ ସାଂଘାତିକ ହେଉଛି। କୁଢ଼ କୁଢ଼ ଆବର୍ଜନା ଦୋକାନ ବଜାର ଆଗରେ ଗଦା ହୋଇ ରହୁଥିବା ବେଳେ ଏହାକୁ ସଫା କରିବାକୁ ଆଦୌ ଧ୍ୟାନ ଦିଆଯାଉନାହିଁ। ନୟାଗଡ଼ ରାଜୀବ ମାର୍କେଟ ସାମ୍ନାରେ ପ୍ରତ୍ୟେକ ଦିନ ଅଳିଆ ଗଦା ହୋଇ ରହୁଛି। ସେହିଭଳି ଭାବେ ଓଡ଼ଗାଁ ରାସ୍ତାରେ ଥିବା ପରିବା ବଜାର, ନୟାଗଡ଼ ମୁଖ୍ୟ ଟ୍ରାଫିକ ଛକ ନିକଟରେ ରହିଥିବା ଦୋକାନ ସାମ୍ନା, ତ୍ରିନାଥ ଛକ, କଲେଜ ରୋଡ଼ ପ୍ରଭୃତି ସ୍ଥାନରେ ଆବର୍ଜନା ଗଦା ଅସ୍ୱଚ୍ଛ ନୟାଗଡ଼ର ବାର୍ତ୍ତା ଦେଉଛି। ନୟାଗଡ଼ ପୌର ପରିଷଦ ଅଧକ୍ଷା, ଉପାଧକ୍ଷ ଏବଂ ନିର୍ବାହୀ ଅଧିକାରୀ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ନୟାଗଡ଼ ନିର୍ବାଚିତ ପ୍ରତିନିଧିମାନେ ସେବା ବଦଳରେ ସରକାରୀ ଅର୍ଥରେ ଠିକାଦାର ସାଜି ରୋଜଗାର କରିବାକୁ ଶ୍ରେୟ ମଣୁଛନ୍ତି। ନୟାଗଡ଼ ବିକାଶ ଓ ଉନ୍ନତୀ ପଥରେ ଆଗେଇ ଚାଲିଥିବା ବେଳେ ଏଭଳି ବେପରୁଆ କାର୍ଯ୍ୟ ନୟାଗଡ଼କୁ ନିମ୍ନସ୍ତରକୁ ନେବ ବୋଲି ଆଲୋଚନା ହେଉଛି। ନୟାଗଡ଼ ଦେଇ ପଶ୍ଚିମ ଓଡ଼ିଶାରୁ ରାଜ୍ୟ ରାଜଧାନୀକୁ ଯାତାୟତ କରୁଥିବା ହଜାର ହଜାର ଲୋକ ନୟାଗଡ଼ ବିକାଶ, ରୂପାନ୍ତରିତ ମୁଖଶାଳାକୁ ଦେଖି ଆବାକାବା ହେଉଥିବା ବେଳେ କୁଢ଼ କୁଢ଼ ଆବର୍ଜନାକୁ ଦେଖି ନୟାଗଡ଼ ଅବସ୍ଥା ପ୍ରତି ଅଟ୍ଟହାସ୍ୟ କରୁଛନ୍ତି।

ନୟାଗଡ଼ ପୌର ପରିଷଦରେ ରହିଥିବା ନିୟମିତ ସଫେଇ କର୍ମଚାରୀ ଏବଂ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ବଜାର ଏବଂ ସହରର ବିଭିନ୍ନ ୱାର୍ଡରୁ ସଫେଇ ଆଳରେ ଚାନ୍ଦା ଆଦାୟ କରିବାରେ ବ୍ୟସ୍ତ ରହୁଛନ୍ତି। ଦୈନିକ ସକାଳ ୭ ଘଟିକା ପୂର୍ବରୁ ସଫେଇ ସରିବାର ନିୟମ ରହିଥିବା ବେଳେ ଦିନ ୧୧ଟା ପର୍ଯ୍ୟନ୍ତ ସଫେଇ କର୍ମଚାରୀ ଝାଡୁ ଧରି ବଜାରରେ ବୁଲୁଥିବା ଦେଖିବାକୁ ମିଳିଛି। ପୌର ପରିଷଦ ପକ୍ଷରୁ ଏହାର ତଦାରଖ କରିବା ପାଇଁ ଆଦୌ ଧ୍ୟାନ ଦିଆଯାଉନାହିଁ। ଫଳରେ ସ୍ୱଚ୍ଛ ନୟାଗଡ଼ ଅସ୍ୱଚ୍ଛ ନୟାଗଡ଼ ଭାବେ ପରିଚୟ ସୃଷ୍ଟି କରୁଛି। କେବଳ ବଜାର ନୁହେଁ, ବିଭିନ୍ନ କଲୋନୀରେ ମାସକେ ଦୁଇ ଚାରି ଥର ଝାଡୁ ବାଜୁଛି। ସହରରେ ବାସ କରୁଥିବା ଲୋକମାନେ ହୋଲ୍‌ଡିଂ ଟ୍ୟାକ୍ସ ପୈଠ କରିବା ସହ ସଫେଇ ପାଇଁ ମଧ୍ୟ ପ୍ରତ୍ୟେକ ମାସରେ ଅର୍ଥ ପୈଠ କରୁଛନ୍ତି। ତଥାପି ଅବସ୍ଥା ସୁଧୁରୁନି। ବର୍ଷକୁ ପାଖାପାଖି ୨ କୋଟି ଟଙ୍କା ଖର୍ଚ୍ଚ ଘଟଣା ସାମ୍ନାକୁ ଆସିବା ପରେ ସଫେଇ ନାଁରେ ପୌର ପରିଷଦ କର୍ମଚାରୀ ହାତ ସଫେଇ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଭିଜିଲାନ୍ସ ବିଭାଗ ପୌର ପରିଷଦ ସଫେଇ ଖର୍ଚ୍ଚ ଉପରେ ତଦନ୍ତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

## ନୟାଗଡ଼ରେ ରହୁନାହାନ୍ତି ନିର୍ବାହୀ ଅଧିକାରୀ

ନୟାଗଡ଼ ପୌର ପରିଷଦରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ନୟାଗଡ଼ରେ ଅବସ୍ଥାନ କରୁନାହାନ୍ତି। ପ୍ରତ୍ୟେକ ଦିନ ଭୁବନେଶ୍ୱରରୁ ନୟାଗଡ଼ ଯିବା ଆସିବା କରୁଛନ୍ତି। ଫଳରେ ପୌର କର୍ମଚାରୀଙ୍କ ମଧ୍ୟରେ ବେପରୁଆ ମନୋଭାବ ଏବଂ ଖାମଖିଆଲ ନୀତି ସୃଷ୍ଟି ହେଉଛି। ଅଧିକାରୀ ଯେଉଁ ରାସ୍ତା ଆପଣାଉଛନ୍ତି, କର୍ମଚାରୀ ମଧ୍ୟ ସମାନ ରାସ୍ତା ଆପଣାଉଛନ୍ତି। ପୌର କାର୍ଯ୍ୟାଳୟକୁ କର୍ମଚାରୀମାନଙ୍କ ଦିନ ୧୨ଟା ପର୍ଯ୍ୟନ୍ତ ପାଦ ପଡୁନାହିଁ। କିଏ କେତେବେଳେ ଆସୁଛି କିଏ କେତେବେଳେ ଯାଉଛି, ତାହାର ହିସାବ ରହୁନି। ସବୁଠାରୁ ବିସ୍ମୟ କଥା ହେଉଛି ପୌର ପରିଷଦ ଅଧିନରେ ୫୦ରୁ ଊର୍ଦ୍ଧ୍ୱ ନିୟମିତ ସଫେଇ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସରକାରଙ୍କ ନିୟମ ଅନୁସାରେ ବେତନ ମଧ୍ୟ ମିଳୁଛି। କିନ୍ତୁ ଏହି ସଫେଇ କର୍ମଚାରୀଙ୍କ କାର୍ଯ୍ୟ ତଦାରଖ ସଠିକ ଭାବେ କରାଯାଉନାହିଁ। ଠିକା କର୍ମଚାରୀଙ୍କୁ ଭରସା କରି ସହରର ସ୍ୱଚ୍ଛତା କିଭଳି ଆଗେଇବ ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯିବାକୁ ନୟାଗଡ଼ବାସୀ ଦାବି କରୁଛନ୍ତି।

## ବଜାରରେ ନକଲି ପାନୀୟର ବେଧଡ଼କ ବିକ୍ରି

କଣ୍ଟିଲୋ,୨୯।୩(ସମିସ): ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହ ଖେଳ। ପାନୀୟ ନାଁରେ ମିଳୁଛି ଜହର। କଣ୍ଟିଲୋ ସମେତ ନୟାଗଡ଼ ଜିଲ୍ଲା ସାରା ବେଧଡ଼କ ବିକ୍ରି ଚାଲିଛି ବିଭିନ୍ନ ପାନୀୟ। ପିଇବା ପାଣି ବି ସେଥିରୁ ବାଦ ପଡିନି। ନକଲି ବ୍ରାଣ୍ଡର ବିଭିନ୍ନ ସ୍ୱାଦଯୁକ୍ତ ପାନୀୟ ଯଥା ଆମ୍ବ, ସପୁରି, ସେଓ, କମଳା ଓ ଷ୍ଟ୍ରବେରୀ ଆଦି ଫଳରସ ବିଭିନ୍ନ ବୋତଲରେ ପ୍ୟାକିଂ ହୋଇ ନକଲି ବ୍ରାଣ୍ଡ ନାମରେ ବିକ୍ରି ହେଉଛି। ସେଥିରେ ପ୍ୟାକିଂ ତାରିଖ, କିମ୍ବା ଗୁଣବତ୍ତା ସମ୍ପର୍କରେ ଉଲ୍ଲେଖ ନାହିଁ। ନକଲି ପାନୀୟ ବିକ୍ରି ସହରରୁ ଗାଁ ସବୁଠି କାୟାବିସ୍ତାର କରିଚାଲିଥିଲେ ମଧ୍ୟ ଜିଲ୍ଲା ଖାଦ୍ୟ ନିରୀକ୍ଷକ କିମ୍ବା ସ୍ୱାସ୍ଥ୍ୟ ବିଭାଗର ଏଥିପ୍ରତି ଅଙ୍କୁଶ ନଥିବା ମନେହେଉଛି। ପ୍ରଚଣ୍ଡ ଗ୍ରୀଷ୍ମରେ ଲୋକେ ଘରୁ ଗୋଡ଼ କାଢ଼ିଲେ ପାନୀୟର ବହୁଳ ବ୍ୟବହାର କରିଥାନ୍ତି। ଏହାର ଫାଇଦା ଉଠାଇ ଜନସାଧାରଣଙ୍କ ସ୍ୱାସ୍ଥ୍ୟସହ ଖେଳୁଛନ୍ତି ଅସାଧୁ ବ୍ୟବସାୟୀ। ବେନିୟମ ଭାବେ ଚାଲିଥିବା ୟୁନିଟ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଉପର ମହଲାରେ ଡାକଘର; ବରିଷ୍ଠ ନାଗରିକ ହଟହଟା

ଗଣିଆ,୨୯।୩(ସମିସ): ମୋବାଇଲ ଓ ଇଣ୍ଟରନେଟର ଯୁଗରେ ବି ଅନେକ କାର୍ଯ୍ୟକ୍ରମ ଡାକଘର ମାଧ୍ୟମରେ ପରିଚାଳିତ ହେଉଛି। ଏହାଛଡ଼ା କେନ୍ଦ୍ର ସରକାରଙ୍କର ଅବସରପ୍ରାପ୍ତ କର୍ମଚାରୀଙ୍କୁ ଡାକଘରୁ ପେନସନ ଦିଆଯାଉଛି। ସୁକନ୍ୟା ଯୋଜନା, ଜାତୀୟ ଡାକଘର ସଞ୍ଚୟ ଯୋଜନା ପାଇଁ ଅନେକ କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାର ହାତକୁ ନେଇଛନ୍ତି। କାର୍ଯ୍ୟରତ ପୋଷ୍ଟମାଷ୍ଟର ଏବଂ ବରିଷ୍ଠ ଅଧିକାରୀଙ୍କ ଅପାରଗତା ଯୋଗୁଁ ଗଣିଆରେ ଦୀର୍ଘବର୍ଷ ହେବ ଉପରମହଲାରେ ଡାକଘର ଚାଲିଛି। ବରିଷ୍ଠ ନାଗରିକମାନେ ଲମ୍ବା ସିଡ଼ିରେ ଚଢି ଉପରକୁ ଯିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତ୍ୟନ୍ତ ବୟସ୍କ ତଥା ଭିନ୍ନକ୍ଷମମାନେ ଅନ୍ୟକାହାର



ସାହାରା ନେଉଛନ୍ତି। ଏପରିକି ଗଣିଆ ଡାକଘରର ନିଜସ୍ୱ ଗୃହ ମଧ୍ୟ ନାହିଁ। ଦୀର୍ଘଦିନ ହେବ ଭଡ଼ାଘରେ ଚାଲିଛି। ସ୍ଥାନୀୟ ବୁଦ୍ଧିଜୀବୀ ବାରମ୍ବାର ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ କିଛି ବି ଫରକ ପଡୁନାହିଁ। ସରକାର ବିଭିନ୍ନ ବିଭାଗ ଜରିଆରେ ଅନାବଶ୍ୟକ ସ୍ଥାନରେ ନୂତନ ଗୃହ ନିର୍ମାଣ କରୁଥିବା ବେଳେ ଗଣିଆରେ ଆବଶ୍ୟକ ଥିଲେ ମଧ୍ୟ ସ୍ଥାୟୀ ଡାକଘରଟିଏ ନିର୍ମାଣ ହୋଇପାରୁନାହିଁ। ଡାକଘର ପାଇଁ ଆବଶ୍ୟକୀୟ ଜାଗା ଚିହ୍ନଟ କରି ତୁରନ୍ତ ନୂତନ ଡାକଘର ଖୋଲିବାକୁ ଦାବି ହେଉଛି। ଏପରିକି ଉପରମହଲାରେ ଚାଲିଥିବା ଡାକଘରକୁ ନୂଆ ଘର ହେବା ପର୍ଯ୍ୟନ୍ତ କୌଣସି ତଳ ମହଲାରେ ଡାକଘର ଚଲାଇବାକୁ ବରିଷ୍ଠ ନାଗରିକମାନଙ୍କ ତରଫରୁ ଦାବି ହେଉଛି।

- ୭ମ ରାଜସୁନାଖଳା ପ୍ରିମିୟର ଲିଗ୍

## ରିଅଲ ଗୋଟ ଚାମ୍ପିଅନ୍

ରଣପୁର,୨୯।୩(ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ରାଜସୁନାଖଳା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ରାଜସୁନାଖଳା ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚରେ ରିଅଲ ଗୋଟ ଚାମ୍ପିଅନ୍ ହୋଇଛି। ଆଲୋକ କୁମାର ରଣାଙ୍କ ଆବାହକତ୍ୱରେ ଆୟୋଜିତ ମ୍ୟାଚ୍‌ର ଫାଇନାଲ୍ ରିଅଲ୍ ଗୋଟ ଓ ମର୍ଣ୍ଣିଂ ରେଜ୍ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରିଅଲ ଗୋଟ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍‌ରେ ୧୦୧ ରନ୍ କରିଥିଲା। ଜବାବରେ ମର୍ଣ୍ଣିଂ ରେଜ୍ ୭ ୱିକେଟ ହରାଇ ମାତ୍ର ୯୨ ରନ୍ କରିଥିଲା। ଫଳରେ ୯ ରନରେ ରିଅଲ ଗୋଟ ବିଜୟୀ ହୋଇଛି। ସୁଶାନ୍ତ କୁମାର ପ୍ରଧାନ ଓ




ଲିପୁ ବେହେରା ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବରେ ଫ୍ରେଣ୍ଡସ ସ୍ପୋର୍ଟ୍ସ କ୍ଲବର ସଭାପତି ତଥା ସମାଜସେବୀ ପୂର୍ଣ୍ଣଚନ୍ଦ୍ର ନାୟକ, ସଦାଶିବ ସାହୁ, ଜଗନ କୁମାର ନାୟକ, ଫକୀରୁଦ୍ଦିନ ବେଗ, ସୁଶାନ୍ତ ନାୟକ, ସନ୍ତୋଷ କୁମାର ପୃଷ୍ଟି, ସମ୍ବିତ କୁମାର ସାହୁ, ସୁଜିତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ସୁବାସଙ୍କୁ ମୁଖ୍ୟ ଅତିଥି ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଏହି ଅବସରରେ ଲଟେରି ଉଠାଣ ବ୍ୟବସ୍ଥା କରାଯାଇଥିବାବେଳେ ପ୍ରଥମ ପୁରସ୍କାର ସାଇକଲ, ଦ୍ୱିତୀୟ ଛତା, ତୃତୀୟ ଆଇରନ, ଚତୁର୍ଥ ଉପହାର ଭାବେ ଗ୍ରାଇଣ୍ଡର ପ୍ରଦାନ କରାଯାଇଥିଲା।

## ବନବାସ ଗଲେ ପ୍ରଭୁ ଶ୍ରୀରାମ



ଗଣିଆ,୨୯।୩(ସମିସ): ଗଣିଆ ଲଙ୍କା ପୋଡ଼ି ଯାତ୍ରାର ତୃତୀୟ ସନ୍ଧ୍ୟାରେ ଶ୍ରୀରାମ ବନବାସ ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଭୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଓ ମାତା ସୀତାଙ୍କ ବନଗମନ ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲା। ସୀତାଙ୍କୁ ବିବାହ କରି ପ୍ରଭୁ ରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ଅଯୋଧ୍ୟାବାସୀଙ୍କ ଆନନ୍ଦ ଦେଖି ରାଜା ଦଶରଥ ରାମଚନ୍ଦ୍ରଙ୍କୁ ରାଜା କରିବା ପାଇଁ ଘୋଷଣା କରିଥିଲେ। ଦାସୀ ମନ୍ଥରାର କୁମନ୍ତ୍ରଣାରେ ପଡି ରାଣୀ କୈକେୟୀ ଦୁଇଟି ବର ମାଗିଥିଲେ। ପ୍ରଥମ ବରଟି ହେଲା ଭରତ ଅଯୋଧ୍ୟାର ରାଜା ହେବେ ଏବଂ ରାମଚନ୍ଦ୍ର ୧୪ ବର୍ଷ ବନବାସ ଯିବେ। ଦଶରଥ ଯେତେ କାକୁତି ମିନତି ହୋଇ ବର ଫେରେଇବାକୁ ଅନୁରୋଧ କରିଥିଲେ ମଧ୍ୟ କୈକେୟୀ ରାଜି ହୋଇ ନଥିଲେ। ଫଳରେ ପିତୃସତ୍ୟ ପାଳନ କରିବାକୁ ରାମଚନ୍ଦ୍ର ବନଗମନ କରିଥିଲେ। ରାମ ବନବାସ ଯିବା ଖବର ଶୁଣି ସୀତା ଏବଂ ଲକ୍ଷ୍ମଣ ରାଜକୀୟ ପରିଧାନ ପରିତ୍ୟାଗ କରି ଜଟା, ବକଳ ପିନ୍ଧି ହାତରେ ଧନୁଶର ଧରି ବନ ଗମନ କରିଥିଲେ। ମାତାଙ୍କ ପାଖରୁ ବିଦାୟ ନେବା ବେଳେ ମାତା ମାନେ ଶୋକରେ ଅଧିର ହୋଇପଡୁଥିଲେ। ରାମ ଯିବେ ବନବାସ ଗୀତ ବାଜିବା ସମୟରେ ଉପସ୍ଥିତ ଦର୍ଶକଙ୍କ ଆଖି ଲୋତକରେ ଭରି ଯାଇଥିଲା। ସୋମବାର ମଞ୍ଚରେ ଭରତ ମିଳନ ନାଟକ ମଞ୍ଚସ୍ଥ ହେବ ବୋଲି ଜଣାପଡିଛି।

## ଗୌରଚନ୍ଦ୍ର ସଭାପତି, ପ୍ରମୋଦ ସମ୍ପାଦକ

ଦଶପଲ୍ଲା,୨୯।୩(ସମିସ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶକ୍ରମେ ଚଳିତ ୨୦୨୬-୨୭ ବର୍ଷ ପାଇଁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବାର କର୍ମକର୍ତ୍ତା ଚୟନ ସର୍ବସମ୍ମତ ଭାବେ ହୋଇଥିବା ବାର କାଉନସିଲ ଦ୍ୱାରା ସ୍ୱୀକୃତ ନିର୍ବାଚନ ଅଧିକାରୀ କୃଷ୍ଣଚନ୍ଦ୍ର ଦାସ ଜଣାଇଛନ୍ତି। ସଭାପତି ଭାବେ ଗୌରଚନ୍ଦ୍ର ମିଶ୍ର, ଉପସଭାପତି ମନୋରଞ୍ଜନ ମିଶ୍ର, ସମ୍ପାଦକ ପ୍ରମୋଦ କୁମାର ସାହୁ, ଯୁଗ୍ମ ସମ୍ପାଦକ ଆଲୋକ ସେନାପତି ସହ ସମ୍ପାଦକ ଶୈଳବାଳା ଦାଶ, ଲାଇବ୍ରେରିଆନ ମାନସ କୁମାର ମହାଖୁଡ଼ ଓ କୋଷାଧ୍ୟକ୍ଷ ବିନୋଦ ବିହାରୀ ମିଶ୍ର ଏବଂ କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ଭାବେ ସର୍ବଶ୍ରୀ ସୁଶାନ୍ତ କୁମାର ପାତ୍ର, ଶୈଳେନ୍ଦ୍ର କୁମାର ଦେଓ, ଶରତ ଚନ୍ଦ୍ର ବେହେରା, ବିରେନ୍ଦ୍ର କୁମାର ନାୟକ, ଦିଲ୍ଲୀପ କୁମାର ପଣ୍ଡା, କେଶବ ଚନ୍ଦ୍ର ମିଶ୍ର ଓ ଚିତ୍ତ ରଞ୍ଜନ ମହାପାତ୍ର ସର୍ବସମ୍ମତ ଭାବେ ନିର୍ବାଚିତ ହୋଇଥିବା ଜଣାଇଛନ୍ତି।

ଶ୍ରୀରାମ ନବମୀ ଯାତ୍ରା ତୃତୀୟ ସନ୍ଧ୍ୟା

## ଅହଲ୍ୟା ଶାପମୁକ୍ତି ବେଶ ଦର୍ଶନ କଲେ ଭକ୍ତ



ଓଡ଼ଗାଁ,୨୯।୩(ସମିସ): ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ଅନନ୍ୟ ବିଷ୍ଣୁ କ୍ଷେତ୍ର ଓଡଗାଁରେ ଶ୍ରୀ ରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ନବଦିନୀୟ ଯାତ୍ରା ଅବସରରେ ତୃତୀୟ ସନ୍ଧ୍ୟା ବେଶ ଦର୍ଶନ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ "ଅହଲ୍ୟା ଶାପମୁକ୍ତି ବେଶ' ଦର୍ଶନ କରି ଧନ୍ୟ ହୋଇଥିଲେ। ଯାତ୍ରା ଅବସରରେ ଶ୍ରୀଜୀଉଙ୍କ ମନ୍ଦିର ଆଲୋକମାଳାରେ ଦୀପ୍ତିମାନ ହୋଇ ଉଠିଥିବା ବେଳେ ସୁବର୍ଣ୍ଣ କଳସ ଉପରେ ସତ୍ୟ, ଧର୍ମ ଓ ଶାନ୍ତିର ପ୍ରତୀକ ଭାବେ ଫରଫର ହୋଇ ଉଡୁଥିବା ତିନିଟି ପତାକା ଭକ୍ତମନକୁ ଆଧାତ୍ମିକ ସନ୍ଦେଶ ପ୍ରଦାନ କରୁଥିଲା। କେବଳ ଜିଲ୍ଲା ନୁହେଁ, ରାଜ୍ୟ ଓ ରାଜ୍ୟବାହାରୁ ମଧ୍ୟ ଅନେକ ଶ୍ରଦ୍ଧାଳୁ ମାନସିକ ପୂରଣ ନିମନ୍ତେ ଏହି ପବିତ୍ର ଯାତ୍ରାରେ ଯୋଗ ଦେଇଥିଲେ। ସୋମବାର ସନ୍ଧ୍ୟାରେ ଶ୍ରୀଜୀଉଙ୍କ "ଗଙ୍ଗା ପାର ବେଶ" ଦର୍ଶନ ପାଇଁ ଭକ୍ତମାନେ ଅତ୍ୟନ୍ତ ଆଗ୍ରହରେ ଅପେକ୍ଷା କରି ରହିଛନ୍ତି।

- ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ଼

## ବନପାଳଙ୍କ ସମେତ ୫ ଜଣଙ୍କ ନାମରେ ମାମଲା

**୩ ଗିରଫ, ବନପାଳ ଫେରାର**

ନୟାଗଡ଼,୨୯।୩(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲାରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଅତି ଅମାନୁଷିକ ଭାବେ ୫ରୁ ୬ଜଣ ବ୍ୟକ୍ତି ବାଡ଼େଇବା ସହ ଗାଳିଗୁଲଜ କରିବାର ଭିଡିଓ ଭାଇରାଲ୍ ହୋଇଛି। ଯୁବକ ଜଣକ କେନ୍ଦୁଲିପି ବନପାଳ ରଶ୍ମିରଞ୍ଜନ ଘଡ଼େଇଙ୍କ ଫାର୍ମହାଉସରେ ପଶି ଯାଇଥିବାରୁ ଚୋରର ଆଖ୍ୟା ଦେଇ ତାଙ୍କୁ ଏଭଳି ମାଡ଼ ମାରିଥିବା ଜଣାପଡ଼ିଛି। ତାରାସିଙ୍ଗ ଥାନା ଗାୟାଗଣ୍ଡା ଗ୍ରାମର ନାରାୟଣ ନାୟକ ନିଜ ସମ୍ପର୍କୀୟଙ୍କ ଘର ଦଶପଲ୍ଲା ସୁନାଗଞ୍ଜକୁ ଆସିଥିଲେ। ସେଠାରେ ବନବିଭାଗ କର୍ମଚାରୀ ରଶ୍ମିରଞ୍ଜନ ଘଡ଼େଇଙ୍କ ରହିଥିବା ଫାର୍ମ ହାଉସରୁ ଏକ ପାଣିମଟର ଚୋରି ହୋଇଥିଲା। ନାରାୟଣ ମଟର ଚୋରି କରିଥିବା ସନ୍ଦେହରେ ନିଜେ ରଶ୍ମିରଞ୍ଜନ ଏବଂ ତାଙ୍କର ଅନ୍ୟ ୪ ଜଣ ସହଯୋଗୀ ସାହି ଭିତରକୁ ଆସି ଅତି ନିର୍ମମ ଭାବେ ନାରାୟଣକୁ ରାସ୍ତାରେ ଘୋଷାଡ଼ି ନେଇ ପ୍ରବଳ ମାଡ଼ ମାରିଥିଲେ। ସାହିର ମହିଳାମାନେ ଏହାକୁ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିମାନେ ଗାଳିଗୁଲଜ କରିଥିଲେ। ଘଟଣାପରେ ସାହି ମହିଳାମାନେ ଏନେଇ ଥାନାରେ ୫ ଜଣଙ୍କ ନାମରେ ଅଭିଯୋଗ କରିବା ପରେ ଦଶପଲ୍ଲା ପୁଲିସ ଏକ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତ ନିରଞ୍ଜନ ଘଡେଇ, ଚିନ୍ମୟ ବରାଡ଼ ଏବଂ ଲକ୍ଷ୍ମୀକାନ୍ତ ସେଠୀଙ୍କୁ ଆଜି ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ବନପାଳ ରଶ୍ମିରଞ୍ଜନ ଘଡ଼େଇ ଫେରାର୍ ଥିବା ପୁଲିସ ସୂଚନା ଦେଇଛି। ଦଶପଲ୍ଲା ଥାନା ୧୬ ନମ୍ବର ୱାର୍ଡ ଖଣ୍ଡପଡ଼ା ଗାଁରେ ମାଡ଼ ମରାଯାଇଥିବା ଜଣାପଡ଼ିଛି।

## ନିଶାମୁକ୍ତ ସମାଜ ଗଠନ ପାଇଁ ଉଦ୍ୟମ



ଖଣ୍ଡପଡ଼ା,୨୯।୩(ସମିସ): ଅଗ୍ରଣୀ ସାମାଜିକ ଅନୁଷ୍ଠାନ ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦ ଖଣ୍ଡପଡ଼ା ଶାଖା ପକ୍ଷରୁ ନିଶାମୁକ୍ତ ସମାଜ ଗଠନ ନେଇ ଏକ ସଂକଳ୍ପ ସମାବେଶ ଆୟୋଜନ ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଅଧିନ ବନମାଳିପୁର ଗ୍ରାମର ପ୍ରଭୁ ଶ୍ରୀ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ ପଡ଼ିଆରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦର ସଭାପତି ଡା. ଶୁଭେନ୍ଦୁ କୁମାର ସାହୁ ନିଶାମୁକ୍ତ ସମାଜ ଗଠନ ନେଇ ସଂକଳ୍ପ ସମାବେଶ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦର ଜର୍ସି ଓ ଲୋଗୋ ଉନ୍ମୋଚିତ ହୋଇଥିଲା। ଯୁବକଙ୍କ ମଧ୍ୟରେ ରାଷ୍ଟ୍ରବାଦୀ ଭାବଧାରା ଉଦ୍ରେକ କରି ସଂଗଠିତ କରିବା ସହ ସେମାନଙ୍କ ମଧ୍ୟରେ ଦେଶପ୍ରେମ ଭାବ ଜାଗ୍ରତ କରିବା, ସାମାଜିକ କଲ୍ୟାଣ କାର୍ଯ୍ୟ ଓ ରାଷ୍ଟ୍ର ନିର୍ମାଣରେ ଯୁବବର୍ଗଙ୍କ ସକ୍ରୀୟ ସହଯୋଗ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଅଟେ ବୋଲି ପରିଷଦ ସଦସ୍ୟମାନେ ମତ ରଖିଥିଲେ। ସେହିପରି ଏକ ନିଶାମୁକ୍ତ ସମାଜ ଗଠନ ଦିଗରେ ଯୁବପିଢ଼ିଙ୍କ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ସେ ଦିଗରେ ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦ କାର୍ଯ୍ୟ କରିବ ବୋଲି ସଦସ୍ୟମାନେ ସୂଚନା ଦେଇଥିଲେ। ଆସନ୍ତା ଏପ୍ରିଲ ୧୧ ଶନିବାର ପ୍ରଭୁ ଶ୍ରୀ ସୋମନାଥଙ୍କ ପୀଠରେ ସାମୂହିକ ହନୁମାନ ଚାଳିଶା ପଠନ ସହ ନିଶାମୁକ୍ତ ସଂକଳ୍ପ ସମାବେଶ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ସମ୍ମିଳନୀରେ ଉପଦେଷ୍ଟା ଭାବେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ଦୈନିକ ଓଡ଼ିଆ ଖବରକାଗଜ 'ଅକ୍ଷର' ସଂପାଦକ ଭରତ କୁମାର ବେହେରା, ସଂଗଠକ ଜିତେନ୍ଦ୍ର କୁମାର କାଟିଆ, ସୁରେଶ ନାୟକ, ପରମେଶ୍ୱର ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦ କାର୍ଯ୍ୟଧାରା ଓ ଭବିଷ୍ୟତ କାର୍ଯ୍ୟକ୍ରମ ନେଇ ସବିଶେଷ ସୂଚନା ପ୍ରଦାନ କରିଥିଲେ।

ଛଅ ମାସ ପରେ ବି କାର୍ଯ୍ୟକ୍ଷମ ହେଉନି ଆର୍‌ଆଇ ଅଫିସ୍

## ୧.୮୦ ଲକ୍ଷ ବିଦ୍ୟୁତ୍ ଜରିମାନାକୁ ନେଇ ବିବାଦ



ଭାପୁର,୨୯।୩(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାଳପଡ଼ା ରାଜସ୍ୱ ନିରୀକ୍ଷକ ଅଫିସ ନିର୍ମାଣର ୬ମାସ ପରେ ବି କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହି ଅଫିସ ୩୭ ଲକ୍ଷ ଟଙ୍କାରେ ନିର୍ମାଣ ହୋଇ ଏବେ ଭୂତକୋଠି ପାଲଟିଛି। ନିର୍ମାଣ କାର୍ଯ୍ୟ ସମୟରେ ଠିକାଦାର ହୁକ ପକାଇ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ବିଭାଗ ଲଗାତାର ଦୁଇ ମାସରେ ୧.୮ ଲକ୍ଷ ଟଙ୍କା ଫାଇନ୍ କାଟିଥିବା ଯୋଗୁ ଏହି ଫାଇନ୍ ଭରଣାକୁ ନେଇ ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ରାଜସ୍ୱ ବିଭାଗ ମଧ୍ୟରେ ଟଣାଓଟରା ହୋଇ ନୂତନ ଗୃହ ଉଦ୍‌ଘାଟନ ହୋଇପାରୁନାହିଁ। ଫଳରେ ଜନସାଧାରଣ ନାହିଁ ନଥିବା ହଇରାଣ ହେଉଛନ୍ତି।

ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇ ଦେବାକୁ ରାଜ୍ୟର ସମସ୍ତ ବ୍ଲକର ତିନୋଟି ପଞ୍ଚାୟତକୁ ନେଇ ଗୋଟିଏ ଗୋଟିଏ ରାଜସ୍ୱ ନିରୀକ୍ଷକ ଅଫିସ ନିର୍ମାଣ କରିଛନ୍ତି। ସେହି ଆଧାରରେ ଭାପୁର ବ୍ଲକରେ ଥିବା ୨୦ ପଞ୍ଚାୟତରେ ୭ଟି ଆରଆଇ ଅଫିସ ନିର୍ମାଣ ହୋଇଛି। ପୂର୍ବରୁ ଫତେଗଡ, ବାଘୁଆପଲ୍ଲି, ମାରଡା ଓ ଗୋଳାପୋଖରୀ ଆରଆଇ ଅଫିସ ଥିବାବେଳେ ନୂତନ ଭାବେ ରାକମା, ଭାପୁର ଓ ଶାଳପଡାଠାରେ ତିନୋଟି ନୂତନ ଆରଆଇ ଅଫିସ ଖୋଲିଛି। ପ୍ରତ୍ୟେକ ଆରଆଇ ଅଫିସ ଗୃହ ନିର୍ମାଣ ପାଇଁ ୩୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ଦ୍ୱିତଳ କୋଠାଘର ହୋଇଛି। ରାକମା ଓ ଭାପୁର ଠାରେ ନବ ନିର୍ମିତ କୋଠାଘରେ ବର୍ଷେ ହେଲା ଅଫିସ କାର୍ଯ୍ୟ ଆରମ୍ଭ ହେଲାଣି। ମାତ୍ର ଶାଳପଡ଼ା ଅଫିସ କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରୁନାହିଁ। ଦୀର୍ଘ ୬ ମାସ ହେଲା ଏହାର ନିର୍ମାଣ ସରିଥିବା ବେଳେ ଏହା ରାଜସ୍ୱ ବିଭାଗକୁ ହସ୍ତାନ୍ତର ହୋଇଛି ବୋଲି ଆର୍‌ଡି ବିଭାଗ କହୁଥିଲା ବେଳେ ରାଜସ୍ୱ ବିଭାଗ ଦାୟିତ୍ୱ ନେଇନାହିଁ ବୋଲି କହୁଛି। ଫଳରେ ଏଠାରେ ଅଫିସ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଏହି ଅଫିସର କାର୍ଯ୍ୟ ବର୍ତ୍ତମାନ ପୂର୍ବପରି ଗୋଳାପୋଖରୀ ଆର୍‌ଆଇ ଅଫିସରେ ଚାଲୁଛି। ଏହି ଅଫିସ ଘର ନିର୍ମାଣ ସମୟରେ ଠିକାଦାର ହୁକ ପକାଇ କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ ବିଭାଗ ବିଦ୍ୟୁତ ଚୋରି ଅଭିଯୋଗରେ ୨ ମାସ ମଧ୍ୟରେ ୨ ଥରରେ ଟାଟା ପାୱାର ଲିମିଟେଡ୍ ୬୦ ହଜାର ଓ ପର ମାସରେ ପୁନର୍ବାର ୧ ଲକ୍ଷ ୨୦ ହଜାର ଜରିମାନା କାଟିଛି। ଏହା ପୁଣି ଶାଳପଡା ଆର୍‌ଆଇଙ୍କ ନାମରେ। ଏହି ଫାଇନ୍ କିଏ ଦେବ ସେ ନେଇ ବିବାଦ ସୃଷ୍ଟି ହୋଇଛି। ଫଳରେ ନୂତନ ବିଦ୍ୟୁତ ସଂଯୋଗ ହୋଇ ପାରୁନାହିଁ କି ଅଫିସ ଲୋକାର୍ପଣ ହୋଇପାରୁନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ଯେଉଁ ଠିକାଦାରଙ୍କୁ କାର୍ଯ୍ୟ ଦେଇଥିଲା ତା'ଠାରୁ ଜରିମାନା ଆଦାୟ କରି ଫାଇନ ଭରଣା କରି ରାଜସ୍ୱ ବିଭାଗକୁ ଘର ହସ୍ତାନ୍ତର ଖୁବଶୀଘ୍ର କରୁ ବୋଲି ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରୀୟା କହିଛନ୍ତି। ଏହାସହ ଭାପୁର ତହସିଲଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ, ଏସଡିଓ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି କରି ଏହାର ସୁସମାଧାନ କରିବାକୁ ଚିଠି କରିଛନ୍ତି। ବିଦ୍ୟୁତ ବିଭାଗ, ରାଜସ୍ୱ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ଟଣାଓଟରା ଯୋଗୁଁ ଜନସାଧାରଣଙ୍କ ସ୍ୱାର୍ଥ ବଳି ପଡିଯାଉଛି। ଜିଲ୍ଲାପାଳ ଏନେଇ ବିହୀତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

